ପାଠ-୮

# ସଭ୍ୟତା ଓ ବିଜ୍ଞାନ

STUDY NOTES

## MIND MAP



## ସୃଜନାଭିମୁଖ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ବିଜ୍ଞାନ ତଥା ଶିଶୁସାହିତ୍ୟ ବିଭାଗରେ ସାରସ୍ୱତ ଲେଖନୀ ଚାଳନା କରି ସୁସମୃଦ୍ଧ କରିଥିବା ପ୍ରାବନ୍ଧିକମାନଙ୍କ ମଧ୍ୟରେ ବଂଶୀଧର ସାମନ୍ତରାୟ ଥିଲେ ଅନନ୍ୟ ପ୍ରତିଭାର ଅଧିକାରୀ । ଜଣେ ବିଶିଷ୍ଟ ଶିକ୍ଷାବତ୍ ତଥା ଉଦ୍ଭିଦ ବିଜ୍ଞାନୀ ଭାବେ ଓଡ଼ିଶାରେ ସୁପରିଚିତ ସେହି ପ୍ରଥିତଯଶା ବିଜ୍ଞାନୀ ପୁରୁଷଙ୍କ ଅନେକ ବିଜ୍ଞାନ ସମ୍ବନ୍ଧୀୟ ରଚନା ପ୍ରକାଶ ପାଇଥିଲା "ଉତ୍କଳ ସାହିତ୍ୟ" ପତ୍ରିକାରେ । 'ଦରିଆପାରିର ସୁନା' ଓ 'ଶିଶୁର ବୀଣା' ପ୍ରଭୃତି ସାରସ୍ୱତ ସୃଷ୍ଟି ତାଙ୍କୁ ପାଠକ ହୃଦୟରେ ଅମର କରି ରଖିବ ଏହା ନିଃସନ୍ଦେହ ।

ଜଣେ ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ଭିଦ ବିଜ୍ଞାନୀ ଭାବେ ବଂଶୀଧର ସାମନ୍ତରାୟ ଥିଲେ ଓଡ଼ିଶାର ଜନମାନସରେ ସୁପରିଚିତ । ସେ ବିଲାତରୁ ଉଦ୍ଭିଦ ବିଜ୍ଞାନରେ ଉଚ୍ଚତର ଶିକ୍ଷାଲାଭ ପରେ ଓଡ଼ିଶା ଶିକ୍ଷା ବିଭାଗରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ଓ ତତ୍‌ପରେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ପଦ ମଣ୍ଡନ କରିଥିଲେ । ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ତଥା ଶିଶୁ ସାହିତ୍ୟ ରଚନା କରିବାରେ ସେ ଥିଲେ ଅତ୍ୟନ୍ତ ଆଗ୍ରହୀ ।

## ପ୍ରବନ୍ଧର ପୃଷ୍ଠଭୂମି

'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧଟି ୧୯୪୨ ସାଲ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା । ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ବିଷୟ ଏହି ପ୍ରବନ୍ଧର ମୁଖ୍ୟସ୍ୱର । ବିଜ୍ଞାନ ହିଁ ସଭ୍ୟତା ଅନ୍ୱେଷଣରେ ଯଥାର୍ଥ ପଥପ୍ରଦର୍ଶକ ସାଜିଥାଏ । ସେହି ବିଜ୍ଞାନକୁ ଅବଲମ୍ବନ କରି ହିଁ ଆଧୁନିକ ମଣିଷ ଉନ୍ନତି ପଥରେ ଅଗ୍ରସର ହୋଇପାରିବ ବୋଲି ଏହି ପ୍ରବନ୍ଧରେ ପ୍ରାବନ୍ଧିକ ମତବ୍ୟକ୍ତ କରିଛନ୍ତି ।

ପ୍ରାବନ୍ଧିକ ମତରେ ମଣିଷ ଯେଉଁ ବୈଷୟିକ, ଶାରୀରିକ, ମାନସିକ, ନୈତିକ ଉନ୍ନତି ତଥା ଜ୍ଞାନସାଧନ କରିଥାଏ, ତାହା ହିଁ ସଭ୍ୟତା ପଦବାଚ୍ୟ । ଏହି ସଭ୍ୟତା ବିଭିନ୍ନ ବିଭାଗରେ ବିଭିନ୍ନ ପରିମାଣର ଉନ୍ନତି ଅନୁଯାୟୀ ନ୍ୟୁନତର ବା ଉଚ୍ଚତର ଭାବେ ନିର୍ଣ୍ଣିତ ହୋଇଥାଏ । ଆମ୍ଭେମାନେ ଯଦି ନିଜକୁ ପ୍ରାଚୀନ ଆଦିମାନବ କିମ୍ବା ଅଧୁନାତନ ନିଗ୍ରୋ ବା ବନ୍ୟଜାତିମାନଙ୍କ ସହିତ ତୁଳନା କରିବା ତା ହେଲେ ସଭ୍ୟତାର ଅର୍ଥ ତଥା ତା'ର ମୂଲ୍ୟ ନିଶ୍ଚିତଭାବେ ଆମ୍ଭମାନଙ୍କ ଦୃଷ୍ଟି ସମ୍ମୁଖରେ ଉଦ୍‌ଭାସିତ ହୋଇଉଠିବ, ଏହା ନିଃସନ୍ଦେହ ।

ଏହି ସଭ୍ୟତାର ଆଦର୍ଶ ବିଭିନ୍ନ କାଳରେ ବିଭିନ୍ନ ଯୁଗରେ ବିଭିନ୍ନ ଜାତିମାନଙ୍କ ମଧ୍ୟରେ ଥିଲା ଭିନ୍ନ ଭିନ୍ନ । ପ୍ରାଚୀନ ମିଶରୀୟ ସଭ୍ୟତା, ରୋମୀୟ ତଥା ଗ୍ରୀସୀୟ ସଭ୍ୟତାର ମୂଳଭିତ୍ତି ଥିଲା ବୈଷୟିକ ଉନ୍ନତି । ଭୋଗ ଥିଲା ସେମାନଙ୍କ ସଭ୍ୟତାର ଆଦର୍ଶ । ସେହି ଭୋଗମାର୍ଗଗାମୀ ଜାତିର ସଭ୍ୟତାର ନିଦର୍ଶନ ଥିଲା ଇଚ୍ଛାକୃତ, ଯାହା ବୈଷୟିକ ଉନ୍ନତିର ପୃଷ୍ଠଭୂମିରେ ହେଉଥିଲା ପ୍ରତିଫଳିତ ।